## ବଜ୍ରପାତରେ ଜଣଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,(ଗିରିଧାରୀ ପରିଛା):ଗଜପତି ଜିଲା ଗୁମ୍ମା ବ୍ଲକ ବଡକଳାକୋଟି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଘଡଘଡି ସହ ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ରବୀନ୍ଦ୍ର ଗମାଙ୍ଗ(୫୨)। ରବୀନ୍ଦ୍ର ଗାଈ ଚରାଇବାକୁ ଗ୍ରାମ ନିକଟ ପଦର ଅଞ୍ଚଳକୁ ଯାଇଥିବା ବେଳେ ବଜ୍ରପାତରେ ଅଚେତ ହୋଇ ପଡିଥିଲେ। ଗ୍ରାମବାସୀ ଖବର ପାଇ ତାଙ୍କୁ ଉଦ୍ଧାର କରି ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ରବିନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

## ଗାଡ଼ି ଧକ୍କାରେ ଜଣେ ମୃତ

ଗୋପାଳପୁର,୧୯।୩(ନବୀନ ରାଜ ଆଚାରୀ) ଗୋଳନ୍ଥରା ଥାନା ଅଧିନସ୍ଥ ସୁମାଣ୍ଡି ଛକ ନିକଟରେ ବୁଧବାର ରାତିରେ ଅଚିହ୍ନା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚ ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ଏହି ଥାନା ଅଧିନସ୍ଥ ସୁମାଣ୍ଡି ଜାତୀୟ ରାଜପଥ ପାର୍ଶ୍ୱ ଭାରତ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ରାତି ପ୍ରାୟ ୧୦ ଟାରେ ଅଜଣା ବ୍ୟକ୍ତି ରାସ୍ତା ପାର ହୋଉଥିବା ବେଳେ ବ୍ରହ୍ମପୁରରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ଅଜଣା ବ୍ୟକ୍ତଙ୍କର ମୃତ୍ୟୁ ହୋଇଥିଲେ। ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ମୃତ ବ୍ୟକ୍ତି ଜଣକ ଏକ ଗାମୁଛା ପିନ୍ଧିବା ସହ ତାଙ୍କ ବୟସ ୬୦-୬୫ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଥାନା କେଶ୍ ନଂ. ୧୧୧/୨୬ ପ୍ରକାରେ ପୋଲିସ ଦୁର୍ଘଟଣା ମାମଲା ରୁଜୁ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନଥିବା ବେଳେ ଗୁରୁବାର ବ୍ୟବଚ୍ଛେଦ ହୋଇ ୯୬ ଘଣ୍ଟ ରଖାଯିବ ବୋଲି ପୋଲିସ ସୂଚନା ଦେଇଛି।

## ବେଆଇନ ବାଲିଚାଲାଣକୁ ନେଇ ଉତ୍ତେଜନା

### ପୋଲିସ କବ୍‌ଜାରେ ୧୫ରୁ ଉର୍ଦ୍ଧ୍ୱ ଗାଡି, ଜେସିବି

ଆସିକା,୧୯।୩(ସୁରେନ୍ଦ୍ର ନାଥ ସାହୁ) କୋଟିନଡା ଥାନା ଅନ୍ତର୍ଗତ ଜୟପୁର ପଞ୍ଚାୟତର କେନ୍ଦୁପଦର ଗ୍ରାମ ସଂଲଗ୍ନ ବେଆଇନ ବାଲିଘାଟରୁ ବାଲି ଚାଲାଣକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବୁଧବାର ରାତିରେ ଏହି ଘାଟରୁ ବାଲି ଚାଲାଣ ହେଉଥିଲା ବେଳେ ଅଞ୍ଚଳବାସୀଙ୍କୁ ପକ୍ଷରୁ ତୀବ୍ର ବିରୋଧ କରାଯାଇ ଗାଡିକୁ ଅଟକାଇଦେବା ସହ ପ୍ରଶାସନିକ ଅଧିକାରୀ ଓ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଖବର ପାଇ ପ୍ରଶିକ୍ଷଣରେ ଥିବା ପୋଲିସ ପ୍ରଶାସନିକ ଅଧିକାରୀ ନିତେଶ ରାଣା, ଆସିକା ତହସିଲଦାର ସଙ୍ଗୀତା ସେନ, କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରମୁଖ ବାଲିଘାଟରେ ପହଞ୍ଚିଥିଲେ। ବାଲିଘାଟ ଓ ସଂଲଗ୍ନ ଅଞ୍ଚଳରେ ୧୫ରୁ ଉର୍ଦ୍ଧ୍ୱ ହାଇୱା, ଟିପ୍ପର ଓ ଗୋଟିଏ ଜେସିବି ମେସିନକୁ ପୋଲିସ କବଜାରେ ରଖାଯାଇଥିଲା। ଏ ସମ୍ପର୍କରେ କୋଟିନଡା ପୋଲିସକୁ ପଚାରିବାରେ ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଲାଗି ଯାହା ନିର୍ଦ୍ଦେଶ ଦିଆଯିବ ତାହା କରିବୁ ବୋଲି ଥାନା ଅଧିକାରୀ ବିହାରୀ ସୂଚନା ଦେଇଛନ୍ତି।

## ଧରାକୋଟରେ ହିନ୍ଦୁ ନବବର୍ଷ ପାଳିତ

ଧରାକୋଟ,୧୯।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଭାଜପା ଏବଂ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପକ୍ଷରୁ ଧରାକୋଟ ସ୍ଥିତ ସପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଚୈତ୍ର ଶୁକ୍ଳ ପ୍ରତିପଦାରେ ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ଏହି ଅବସରରେ ହୋଇଥିବା ଏକ ବୈଠକରେ ସନାତନ ଧର୍ମ ଏବଂ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ମହିମା ଅବତାରଣା କରାଯିବା ସହ ଆସନ୍ତା ୨୭ ତାରିଖରେ ପାଳନ ହେବାକୁ ଥିବା ରାମନବମୀ ସକାଶେ ଆଲୋଚନା କରାଯାଇଛି। ବୈଠକରେ ପୂର୍ବତନ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ କୁମାର ମହାନ୍ତି, ପୁରୁଖା ନେତା ତଥା ଘୁମୁସର ଆସିକା ସାଙ୍ଗଠନିକ ଜିଲା ଓବିସି ମୋର୍ଚ୍ଚା ସଭାପତି ଗଦାଧର ସ୍ୱାଇଁ, ଘୁମୁସର ଆସିକା ସାଙ୍ଗଠନିକ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ନାୟକ, ବିଭିନ୍ନ ମଣ୍ଡଳ ସଭାପତି ପ୍ରମୁଖଙ୍କ ସମେତ ବହୁ ରାମଭକ୍ତ ଯୋଗଦେଇଥିଲେ।

## ସରସ୍ୱତୀ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ

ବାଲିଗୁଡ଼ା,୧୯।୩(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ମନୋରଞ୍ଜନ ଦାସ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଲକ୍ଷ୍ମୀକାନ୍ତ ପ୍ରଧାନ, ବିଦ୍ୟୁତ ପରିଷଦର ସମ୍ପାଦକ ଜିତେନ୍ଦ୍ର ଡାକୁଆ, ଉପଦେଷ୍ଟା ସନ୍ତୋଷ ଦଳବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ପାତ୍ର, ବିଦ୍ୟୁତ ବିଭାଗର ଅଧିକାରୀ ଦିଲ୍ଲୀପ ସାହୁ, ମୁଖ୍ୟବକ୍ତା ଭାବେ ପ୍ରମୋଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ହିନ୍ଦୁ ନବବର୍ଷର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ବିଷୋୟୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶେଷଦେବ ଗୁରୁଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଋଷିକୁଲ୍ୟା ମୁହାଣରେ ଅଲିଭ ରିଡଲେଙ୍କ ଶେଷ ପର୍ଯ୍ୟାୟ ଅଣ୍ଡାଦାନ

### ୫ ଦିନରେ ୨ ଲକ୍ଷରୁ ଅଧିକ କଇଁଛଙ୍କ ଆଗମନ,ସ୍କୋରୋଡିକ ନେଷ୍ଟିଙ୍ଗ ଜାରି

ଗଞ୍ଜାମ,୧୯।୩ (ଅନାଥ ତରାଇ)

ଗଞ୍ଜାମ ଜିଲା ଋଷିକୁଲ୍ୟା ମୁହାଣରେ ବିରଳ ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି। ଏହି ପ୍ରକ୍ରିୟା ୪ ଦିନ ଧରି ଚାଲିଥିବା ବେଳେ ବର୍ତ୍ତମାନ କେବଳ ସ୍କରୋଡିକ ନେଷ୍ଟିଂ ଭାବେ ଅଣ୍ଡାଦାନ ଜାରି ରହିଛି। ବ୍ରହ୍ମପୁର ଡିଏଫଓ ସନି ଖୋଖରଙ୍କ ସୂଚନା ଅନୁଯାୟ, ବୁଧବାର ସକାଳ ସୁଦ୍ଧା ମୋଟ ୨,୦୫,୩୨୦ କଇଁଛ ଅଣ୍ଡାଦାନ କରିଥିଲେ। ଏସିଏଫ୍ ଦିବ୍ୟ ରଞ୍ଜନ ବେହେରାଙ୍କ କହିବାନୁଯାୟୀ ଗୁରୁବାର ସକାଳ ସୁଦ୍ଧା ସ୍କୋରୋଡିକ ନେଷ୍ଟିଙ୍ଗରେ ୨୯୦୦ କଇଁଛ ଅଣ୍ଡାଦାନ କରିଛନ୍ତି। ମୋଟ ୯,୨୨୧ କଇଁଛ ସ୍କୋରୋଡିକ ନେଷ୍ଟିଙ୍ଗରେ ସାମିଲ ହୋଇଛନ୍ତି। ପରିସଂଖ୍ୟାନ ଅନୁଯାୟୀ, ପ୍ରଥମ ଦିନରେ ୨୯୦୦, ଦ୍ୱିତୀୟ ଦିନରେ ୭୯,୧୦୦, ତୃତୀୟ ଦିନରେ ୭୨,୩୦୦ ଏବଂ ଚତୁର୍ଥ ଦିନରେ ୫୨,୯୦୦ କଇଁଛ ବେଳାଭୂମିକୁ ଆସିଥିଲେ। ଓଡ଼ିଶାର ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ମୁଖ୍ୟ ଡ. କେ.ମୁରୁଗେସନ କଇଁଛଙ୍କ ଅଣ୍ଡାଦାନ ସ୍ଥଳୀ ପରିଦର୍ଶନ କରିଥିଲେ। ପୂର୍ବରୁ ରାଜ୍ୟ ପ୍ରମୁଖ ବନ୍ୟ ସଂରକ୍ଷକ ବନ୍ୟପ୍ରାଣୀ ପ୍ରେମ କୁମାର ଝା ଅଣ୍ଡାଦାନ ସ୍ଥଳ ସ୍ଥିତି ପରଖିଥିଲେ। ଚଳିତ ବର୍ଷ ଗଣନା ପ୍ରକ୍ରିୟାକୁ ସଠିକ କରିବା ପାଇଁ ବନ ବିଭାଗ ପକ୍ଷରୁ 'ଥର୍ମାଲ ଡ୍ରୋନ'ର ସହାୟତା ନିଆଯାଇଥିଲା। ସମୁଦାୟ ୫ କିମି ପରିବ୍ୟାପ୍ତ ଅଞ୍ଚଳକୁ ୧୦୦ଟି ଭାଗରେ ବିଭକ୍ତ କରାଯାଇ ପ୍ରତି ସେଗ୍‌ମେଣ୍ଟରେ ୩ ଜଣ ଲେଖାଏ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ପାଣିପାଗର ପରିବର୍ତ୍ତନ ଯୋଗୁ ଗତବର୍ଷ ଫେବୃଆରୀରେ ଅଣ୍ଡାଦାନ ହୋଇଥିବା ବେଳେ ଏଥର ଏହା ମାର୍ଚ୍ଚରେ ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ବଟେଶ୍ୱର ମନ୍ଦିର ନିକଟରେ ୱାଚ ପଏଣ୍ଟ କରାଯାଇଥିଲା। ଆସନ୍ତା ୪୫ ରୁ ୫୦ ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ଫୁଟି ସମୁଦ୍ରକୁ ଫେରିବା ପର୍ଯ୍ୟନ୍ତ ବାହାର ଲୋକଙ୍କୁ ନିଷେଧ କରାଯାଇଛି।

## ତାରାତାରିଣୀଙ୍କ ପୀଠରେ ବାସନ୍ତିକ ନବରାତ୍ର ପର୍ବ ଆରମ୍ଭ



ପୁରୁଷୋତ୍ତମପୁର,୧୯।୩(ସବିତା ମିଶ୍ର) ଇଷ୍ଟଦେବୀ ମା'ତାରାତାରିଣୀଙ୍କ ପୀଠରେ ଗୁରୁବାରଠାରୁ ବାସନ୍ତିକ ନବରାତ୍ର ପର୍ବ ଆରମ୍ଭ ହୋଇଛି। ଭକ୍ତଙ୍କ ଗହଳି ସାଙ୍ଗକୁ ପଣ୍ଡିତ ବ୍ରାହ୍ମଣଙ୍କ ବେଦମନ୍ତ୍ରରେ ସମଗ୍ର ରତ୍ନଗିରି ପାହାଡ କମ୍ପିଉଠିଛି। ପୁରୁଷୋତ୍ତମପୁର ତହସିଲଦାର ତଥା ମନ୍ଦିର ନିର୍ବାହି ଅଧିକାରୀ ବିନୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମାଙ୍କ ମୁଖ୍ୟ ପୁରହିତ ପ୍ରତାପୁର ଗ୍ରାମର ପଣ୍ଡିତ ସିମାଞ୍ଚଳ ଦାଶ ଶର୍ମା ଯୋଗଦେଇ ରିତିନୀତି ପ୍ରକାରେ ପୂଜାପାଠ କରୁଛନ୍ତି। ଚୈତ୍ର ପ୍ରତିପଦା ଠାରୁ ଶ୍ରୀରାମ ନବମୀ ପର୍ଯ୍ୟନ୍ତ ନଅ ଦିନ ବ୍ୟାପୀ ପ୍ରତ୍ୟହ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହେବ। ଏଥିରେ କର୍ତ୍ତା ଭାବରେ ସେବାୟତ ସଂଘ ସଭାପତି ତପନ କୁମାର ରଣା ରହିଥିବା ବେଳେ ସେବାୟତ ବାପୁଜି ରଣା ଓ ଅନ୍ୟମାନେ ସହଯୋଗ କରୁଛନ୍ତି। ଏହି ପର୍ବର ମହତ୍ତ୍ୱ ରହିଯେ ଯେତେବେଳେ ଗ୍ରୀଷ୍ମଋତୁର ଆଗମନ ହୁଏ ଏହିସମୟରେ ବିଭିନ୍ନ ଜୀବାଣୁ ଧରାପୃଷ୍ଠକୁ ଆସିଥାନ୍ତି। ଏହି ନବରାତ୍ର ପୂଜାର ଦର୍ଶନ ସହ ମା'ଙ୍କ ଆର୍ଶିବାଦ ଭିକ୍ଷା ଲାଗି ଭକ୍ତଙ୍କ ଭିଡ ଜମିବାରେ ଲାଗିଛି।

# ରାହି ଜିଲା କେନ୍ଦ୍ର ଉଦ୍‌ଘାଟନ କଲେ ଜିଲାପାଳ



ରାହି ଜିଲା କେନ୍ଦ୍ର ପରିଦର୍ଶନ କରୁଛନ୍ତି ଜିଲାପାଳ ।

ଗୋପାଳପୁର,୧୯।୩ (ନବୀନରାଜ ଆଚାରୀ)

ଗଞ୍ଜାମ ଜିଲା ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଗୋବିନ୍ଦନଗର ନିକଟରେ ରାହି ଜିଲା କେନ୍ଦ୍ର ଜିଲାପାଳ ଭି.କୀର୍ତ୍ତି ଭାସନ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ନ୍ୟାଶନାଲ ଟ୍ରକର୍ସ କାର୍ଯ୍ୟକ୍ରମ ଅନ୍ତର୍ଗତ ସାଇଟ ସେଭରସ ଇଣ୍ଡିଆ ଆନୁକୂଲ୍ୟରେ ଚୋଲା ସହାୟତାରେ ଗଞ୍ଜାମ ଜିଲାର ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ଶାଖା ଉଦ୍‌ଘାଟିତ ହୋଇଛି। ଜାତୀୟ ରାଜପଥର ସମସ୍ତ ଟ୍ରକ ଚାଳକମାନଙ୍କ ମାଗଣା ଚକ୍ଷୁ ପରୀକ୍ଷା ସହ ସେମାନଙ୍କୁ ମାଗଣା ଚଷମା ପ୍ରଦାନର ବ୍ୟବସ୍ଥା କରାଯାଇଛି। ରାସ୍ତାରେ ଗାଡ଼ି ଚାଳନାକୁ ବିପଦମୁକ୍ତ କରିବାରେ ଚାଳକଙ୍କ ଭୂମିକା ଅଧିକ ରହିଥିବାରୁ ସେମାନଙ୍କୁ ଏପରି ସୁଯୋଗ ପ୍ରଦାନ କରାଯାଉଛି। ଓଡ଼ିଶାରେ ପ୍ରଥମ ଶାଖା ଭାବରେ ଗୁରୁବାର ଏହାର ଉଦ୍‌ଘାଟନ କରାଯାଇଛି। ଏଥିସହ ସ୍ଥାନୀୟ ଅଞ୍ଚଳବାସୀ କମ୍ ମୂଲ୍ୟରେ ଏଠାରେ ନିଜର ଚକ୍ଷୁ ପରୀକ୍ଷା କରି ପାରିବେ। ଶେଷରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର ଉପଦେଷ୍ଟା ବି.ଶ୍ରିନବାସ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ଚକ୍ଷୁ ଚିକିତ୍ସାଳୟ ରସିଇଓ କର୍ଣ୍ଣେଲ ଡ.ଆଶିଷ କୁମାର ଝା, ପରିଚାଳନା ନିର୍ଦ୍ଦେଶିକା ଡ. ସ୍ମିତା କ୍ରିଷ୍ଣମୂର୍ତ୍ତି, ପରିଚାଳକ ଏସ୍ ଆନନ୍ଦରମଣ, ସାଇଟ୍ ସେଭର ଇଣ୍ଡିଆର ଶୁଭମ ଚକ୍ରବର୍ତ୍ତୀ, ଚୋଲା ଟିମ୍‌ର ସହାୟକ ଶାଖା ପରିଚାଳକ ଚିତ୍ତରଞ୍ଜନ ରଥ, ଅଶୋକା ଲେୟଲାଣ୍ଡର ଡେପୁଟି ମ୍ୟାନେଜର ସାଦ୍ଦିକ ହୁସେନ ସାୟଦ, ଗଞ୍ଜାମ ଜିଲା ଟ୍ରକ ମାଲିକ ସଂଘ ସଭାପତି ପ୍ରମୋଦ ଜେନା, ଉପସଭାପତି କାଳି ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜ ରାସ୍ତାରେ ରୋମିଓଗିରି, ଦୁର୍ଘଟଣାରେ ୪ ଆହତ

ବୁଗୁଡ଼ା,୧୯।୩(କାଳିଚରଣ ଦାଶ)

କଲେଜ ରାସ୍ତାରେ ରୋମିଓଗିରି ଯୋଗୁ ଦୁର୍ଘଟଣାରେ ୪ ଜଣ ଆହତ ହୋଇଛନ୍ତି। କଲେଜ ରାସ୍ତାରେ ଆର-ୱାନ ବାଇକ ଚଳାଇ ଦ୍ରୁତଗତିରେ ଚକର କାଟୁଥିବା ବେଳେ ଅନ୍ୟ ଏକ ବାଇକକୁ ଧକ୍କା ଦେଇ ୨ ଜଣ ସମେତ ୪ ଜଣ ଆହତ ହୋଇଉନ୍ତି। ଗୁରୁବାର ସକାଳେ ସ୍ଥାନୀୟ ପିପୁଲ୍ସ କଲେଜର ପରୀକ୍ଷା ସରିବା ପରେ ଛାତ୍ରୀଛାତ୍ରମାନେ ମୁଖ୍ୟ ରାସ୍ତାରେ ଆସୁଥିଲେ। ଏହି ସମୟରେ ଏକ ନମ୍ବର ବିହୀନ ବାଇକରେ ୨ ରୋମିଓ ଦ୍ରୁତଗତିରେ ଚକର କାଟୁଥିବା ବେଳେ ବାଇକରେ ଅଙ୍ଗନୱାଡି କେନ୍ଦ୍ରକୁ ଅଣ୍ଡା ଓ ଛତୁଆ ଆଣିବାକୁ ଭାଉଜ ଗୀତାଞ୍ଜଳି ନାୟକଙ୍କୁ ବସାଇ ଯାଉଥିବା ସୁନୀଲ ନାୟକଙ୍କୁ ଧକ୍କା ଦେଇଥିଲେ। ଆହତ ସୁନୀଲ ଓ ଗୀତାଞ୍ଜଳି ଏବଂ ୨ ରୋମିଓଙ୍କୁ ଆମ୍ବୁଲାନ୍ସ ଯୋଗେ ବୁଗୁଡ଼ା ଡାକ୍ତରଖାନାକୁ ଅଣାଯାଇଥିଲା। ଗୁରୁତର ସୁନୀଲଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା।

## ମହୁମାଛି ଆକ୍ରମଣରେ ୪ ଆହତ, ଦିବ୍ୟାଙ୍ଗ ଗୁରୁତର

ଦିଗପହଣ୍ଡି,୧୯।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଜକର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ମହୁମାଛି ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଦିବ୍ୟାଙ୍ଗଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସେ ହେଲେ ଜକର ଗ୍ରାମର ପୂର୍ବତନ ନାଏବ ସରପଞ୍ଚ ଲିଲ ପ୍ରଧାନ (୬୦)। ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ପ୍ରଧାନ ତାଙ୍କୁ ଉଦ୍ଧାର କରି ନିଜ କାରରେ ପ୍ରଥମେ ବୋମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟର ତଳ ମହଲାରେ ହିତାଧିକାରୀଙ୍କୁ ଡିମ୍ବା ଓ ଚାଉଳ ବଣ୍ଟନ କରାଯାଉଥିବା ବେଳେ ଉପର ମହଲାରେ କିଶୋରୀ ମେଳା କାର୍ଯ୍ୟକ୍ରମ ଚାଲିଥିଲା। ରାସ୍ତାକଡ଼ ଗଛରେ ଥିବା ଏକ ମହୁଫେଣାରୁ ଶତାଧିକ ସଂଖ୍ୟାରେ ମହୁମାଛି ଉଡ଼ି ଆସି ସେଠାରେ ଥିବା ଲୋକଙ୍କୁ କାମୁଡ଼ି ଥିଲେ। ସମସ୍ତେ ଦୌଡ଼ି ଥିବା ବେଳେ ଲିଲ ପ୍ରଧାନ ଦୌଡ଼ି ନ ପାରିବାରୁ ତାଙ୍କୁ ମହୁମାଛି କାମୁଡ଼ି ଥିଲେ। ସେ ସେଠାରେ ପଡ଼ିଯାଇଥିଲେ। ଉପସ୍ଥିତ ସୁନାମ ପ୍ରଧାନ, କୃଷ୍ଣ ଗୌଡ଼, ବଣ୍ଟି ପ୍ରଧାନଙ୍କ ସମେତ ଅନ୍ୟ କିଛି ଯୁବକ ତାଙ୍କୁ ଉଦ୍ଧାର କରି ସରପଞ୍ଚଙ୍କ କୋଠରିକୁ ନେଇଥିଲେ। ତଥାପି ମହୁମାଛି ସେମାନଙ୍କୁ ଛାଡି ନ ଥିଲେ। ମହୁମାଛି ଆକ୍ରମଣରେ ଆହତ ଅନ୍ୟ ୩ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି।

# ଥାନାର ଦ୍ୱାରସ୍ଥ ବାସନ୍ଦ ପରିବାର



## ଅସବର୍ଣ୍ଣକୁ ଜମି ବିକ୍ରି କରିବାରୁ ଜରିମାନା

କବିସୂର୍ଯ୍ୟନଗର,୧୯।୩(କୃପାସିନ୍ଧୁ ସ୍ୱାଇଁ):

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଧୀନ ଅର୍ଜୁନପଲ୍ଲୀ ଗାଁରେ ଏକ ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ଅସବର୍ଣ୍ଣଙ୍କୁ ଜମି ବିକ୍ରି କରିବାରୁ ପରିବାରକୁ ଜରିମାନା କରାଯାଇଥଲା। ଜରିମାନା ଦେବା ପରେ ବି ଅଧିକ ଟଙ୍କା ଦାବି କରାଯାଇ ଗାଁରେ ନିଆଁ ପାଣି ବନ୍ଦ କରାଯାଇଛି। ତେଣୁ ଉକ୍ତ ପରିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅର୍ଜୁନପଲ୍ଲୀ ଗ୍ରାମର ଦୟାନିଧି ଗୌଡ଼ ୪ ବର୍ଷ ତଳେ ଝିଅପୁଅଙ୍କ ବାହାଘର ଲାଗି ନିଜ ଜମି ଜଣେ ଅସବର୍ଣ୍ଣ ବ୍ୟକ୍ତିଙ୍କୁ ବିକ୍ରି କରିଥିଲେ । ଏଥିଯୋଗୁ ତାଙ୍କ ପରିବାର ଗ୍ରାମବାସୀଙ୍କ ରୋଷର ଶିକାର ହୋଇଥିଲେ। ଗାଁ ସଭା ଡାକି ୩ ହଜାର ୫ଶହ ଜରିମାନା ଆଦାୟ କରିଥିଲେ । ଭବିଷ୍ୟତରେ ଜମି ଅନ୍ୟ କାହାରିକୁ ବିକ୍ରି କରିବେ ନାହିଁ ବୋଲି ଗ୍ରାମବାସୀଙ୍କ ସହ ଚୁକ୍ତିନାମା କରିଥିଲେ। ପରେ ଗାଁ ସଭାରେ ପୁଣି ଦୟାନିଧିଙ୍କୁ ୭ ଲକ୍ଷ ଫାଇନ ଦେବାକୁ କୁହାଗଲା। ସେହି ମୂଲ୍ୟର ଜମି ଦେଇ ନ ପାରିବାରୁ ତାଙ୍କୁ ବାସନ୍ଦ କରାଯାଇଥିଲା। ପରିବାରକୁ ମନ୍ଦିର, ଦୋକାନ, ରାସ୍ତା, ଧୋବା, ଭଣ୍ଡାରୀ, ନିଆଁ, ପାଣି ଆଦି ବାରଣ କରାଯାଇଥିଲା । ଦୟାନିଧିଙ୍କ ପରିବାର ଘରେ ଏକ ପ୍ରକାର ବନ୍ଦୀ ଜୀବନ ବିତାଉଥିଲେ। ଗୁରୁବାର ଦୟାନିଧି ଓ ତାଙ୍କ ପୁଅ ଅନିଲ କୁମାର ଗୌଡ଼ ସାହସ ଜୁଟାଇ ଏ ନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଥିଲେ । ନିଜେ ବିକ୍ରି କରିଥିବା ଜମିକୁ ଗ୍ରାମବାସୀ ବାଉଁଶ ବାଡ଼ରେ ଅକ୍ତିଆରରେ ରଖିଥିବା ଅଭିଯୋଗ କରିବା ସହ ଶୀଘ୍ର ନ୍ୟାୟ ପାଇଁ ଉଭାୟ ଗୁହାରି କରିଛନ୍ତି । ଏହାର ତଦନ୍ତ କରାଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ନୀତେଶ କୁମାର ମିଶ୍ର କହିଛନ୍ତି।

## ସୁରେଶ ରେଡ୍ଡୀ ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ ନିଯୁକ୍ତ

ଛତ୍ରପୁର,୧୯।୩(ଦିଲ୍ଲୀପ ସାମଲ )

ଛତ୍ରପୁରର ସୁରେଶ ରେଡ୍ଡୀଙ୍କୁ ଭାଜପା ଯୁବ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ଏହି ଦାୟିତ୍ୱ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଭାଜପାର ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଜିଲ୍ଲା ସହ ରାଜ୍ୟରେ ଯୁବ ମୋର୍ଚ୍ଚାର ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ କାମ କରିବେ ବୋଲି ସୁରେଶ ପ୍ରକାଶ କରିଛନ୍ତି।

## ଯୋଗାଣ ବିଭାଗର ଚଢାଉ, ୧୫ ଗ୍ୟାସ୍ ସିଲିଣ୍ଡର ଜବତ

ପାରଳାଖେମୁଣ୍ଡି,୧୯।୩(ଗିରିଧାରୀ ପରିଛା): ଗଜପତି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଉପଜିଲାପାଳ ଅନୁପ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜିଲାର ବିଭିନ୍ନ ସ୍ଥାନମାନଙ୍କରେ ଯୋଗାଣ ବିଭାଗ ତରଫରୁ ଚଢାଉ ଜାରି ରହିଛି। ପାରଳାଖେମୁଣ୍ଡି ସହରର ଫୁଡ ଲୋଗିନରୁ ୪ ଟି, ଏସ୍‌ଭିଏଲ୍ ଷ୍ଟିଲରୁ ୩ଟି, ସାଇ ଇଣ୍ଟରନ୍ୟାସନାଲ ହୋଟେଲରୁ ୩ଟି, ଡଲଫିନ୍ ହୋଟେଲରୁ ୪ ଟି ଏବଂ ଶ୍ରୀକୁଞ୍ଜ ହୋଟେଲରୁ ଗୋଟିଏ ମୋଟ ୧୫ଟି ସିଲିଣ୍ଡର ଜବତ କରାଯାଇଛି। ଏହାର ପୁନରାବୃତ୍ତି ହେଲେ ଆଇନ ଅନୁଯାଇ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରକାଶ ଯେ, ଯୁଦ୍ଧ ପ୍ରଭାବରେ ରନ୍ଧନ ଗ୍ୟାସ ଉପରେ ସିଧାସଳଖ ପ୍ରଭାବ ପଡିଛି। ତେବେ ଗଜପତି ଜିଲାରେ କିଛି ଅସାଧୁ ବ୍ୟବସାୟୀ ଏବେ ବ୍ୟାପକ କଳାବଜାରୀ କରିବା ସହ କୃତ୍ରିମ ଉପାୟ ଅବଲମ୍ବନ କରି ଦରଦାମ ବୃଦ୍ଧିକରିବାର ବହୁ ଦୃଷ୍ଟାନ୍ତ ରହିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଛି। ଏହି ଚଢାଉରେ ଅତିରିକ୍ତ ଯୋଗାଣ ଅଧିକାରୀ ସୁହଂସ ଭୋଇ, ସବ୍ୟସାଚୀ ବସ୍ତିଆ, ସହକାରୀ ଯୋଗାଣ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ଯୋଗାଣ ନିରୀକ୍ଷକ ରୀତା ବେହେରା ଓ ବାଦଲ ସାମନ୍ତରାୟଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ଥିଲେ।

## କଂଗ୍ରେସର ଗଜପତି ଜିଲା ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ

ପାରଳାଖେମୁଣ୍ଡି,୧୯।୩(ଗିରିଧାରୀ ପରିଛା): ମୋହନା ବିଧାୟକ ତଥା ଗଜପତି ଜିଲ୍ଲା କଂଗ୍ରେସ ସଭାପତି ଦାଶରଥି ଗମାଙ୍ଗ ଦଳରୁ ନିଲମ୍ବିତ ହେବା ପରେ ନୂଆ ସଭାପତି ଚୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟ ନେତୃବୃନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ ଜିଲାକୁ ଆସି ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀ ଓ ନେତାମାନଙ୍କଠାରୁ ନୂତନ ସଭାପତି ଚୟନ ପାଇଁ ମତାମତ ନେଉଛନ୍ତି। ଗୁରୁବାର ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ଟିମ ପହଞ୍ଚି ଆଲୋଚନା କରିଛନ୍ତି। ଜିଲ୍ଲାର କେତେକ ନେତାଙ୍କ ନାମକୁ ଜିଲ୍ଲା ସଭାପତି ପାଇଁ ପ୍ରସ୍ତାବ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ କିଏ ଦଳୀୟ ନେତୃତ୍ୱ ନେଇପାରିବେ ସେନେଇ ମତାମତ, ଆଲୋଚନା ଆରମ୍ଭ ହୋଇଛି। ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗଙ୍କ ନେତୃତ୍ୱରେ ଏକ ଟିମ ଗସ୍ତ କରି ମତାମତ ନେଉଛନ୍ତି ।

## ଗଞ୍ଜାମ ଏସ୍‌ପିଙ୍କୁ ମିଳିବ ଡିଜିପି ଡିସ୍କ ଆୱାର୍ଡ

ଛତ୍ରପୁର,୧୯।୩(ଦିଲୀପ ସାମଲ): ପୋଲିସ ସେବାରେ ଉତ୍ତମ ସେବା ଓ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଥିବାରୁ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଡିଜିପି ଡିସ୍କ ଆୱାର୍ଡ ପାଇଁ ମନୋନୀତ ହୋଇଛନ୍ତି। ୨୦୨୫-୨୬ ପାଇଁ ଏହି ବର୍ଷ ପୁରସ୍କାର ଆସନ୍ତା ଏପ୍ରିଲ ୧ ତାରିଖରେ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସରେ ପ୍ରଦାନ କରାଯିବ।

## କଳାବଜାର ହେଉଛି ଏଲ୍‌ପିଜି, ସମାଧାନ ଦାବି କଲା ଏଏପି

ଫୁଲବାଣୀ,୧୯।୩(ରାକେଶ କୁମାର ରାଉତ)



କନ୍ଧମାଳ ଜିଲାରେ ଏଲ୍‌ପିଜି ଗ୍ୟାସ କଳାବଜାରୀ ବଢିଛି। ଫଳରେ ଉପଭୋକ୍ତାମାନେ ଅନେକ ସମସ୍ୟାରେ ପଡିଛନ୍ତି। ଏଲ୍‌ପିଜି ବିତରଣକାରୀ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁ ନ ଥିବାରୁ ଜନସାଧାରଣ ଚୋରାରେ ଚଢା ଦରରେ କିଣିବାକୁ ବାଧ ହେଉଛନ୍ତି। ଏହାର ସୁଯୋଗରେ ଜାଣିଶୁଣି କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି ବୋଲି ଆମ ଆଦମୀ ପାର୍ଟି(ଏଏପି) ଅଭିଯୋଗ କରିଛି। ବିଶେଷ କରି ହଷ୍ଟେଲ, ହୋଟେଲ ଏବଂ ବାଣିଜ୍ୟ କାରବାରରେ ଘୋର ଅସୁବିଧା ହେଉଛି। ଉପଭୋକ୍ତା ଦିନ ସାରା ଧାଡ଼ିରେ ଅପେକ୍ଷା କରି ହତାଶ ହେଉଛନ୍ତି। କେୱାଇସି ହୋଇନି କିମ୍ବା ଓଟିପି ଆସିନାହିଁ କହି ଲୋକଙ୍କୁ ନିରାଶ କରାଯାଉଛି। ଅପରପକ୍ଷେ କମ୍ପାନୀ ନମ୍ବରକୁ ବାରମ୍ବାର କଲ କଲେ ବି ବୁକିଂ ହୋଇ ପାରୁନାହିଁ। ଏହାର ତୁରନ୍ତ ପ୍ରତିକାର ପାଇଁ ଏଏପି ଦାବି କରିଛି। ସେହିଭଳି ଅସଦ ଉପାୟରେ ସିଲିଣ୍ଡର ରଖ ଚଢା ଦରରେ ବିକ୍ରୟ କରୁଥିବା ବ୍ୟବସାୟୀଙ୍କ ଉପରେ ପ୍ରଶାସନ ପକ୍ଷରୁ ଚଢାଉ କରାଯିବା ପାଇଁ ଦାବି ହୋଇଛି। ଜିଲା ସଭାପତି ଜର୍ବେଶ ଦିଗାଲଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଗିରିଶ ପଟ୍ଟନାୟକ, ସୁନୀଲ ମୁନୀ, ରାଜକିଶୋର ପାଢ଼ୀ, ଦିଲ୍ଲୀପ ଦିଗାଲ, ଭି.ସୁବ୍ରମଣ୍ୟମ, କିଶୋର ବେହେରା ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଖଣ୍ଡାରେ ଆକ୍ରମଣ ଘଟଣା, ୨ ଗିରଫ

ଛତ୍ରପୁର,୧୯।୩(ଦିଲୀପ ସାମଲ): ଛତ୍ରପୁର ଥାନା ଅଧିନ ପୁରୁଣାଛତ୍ରପୁର ନିକଟରେ ବୁଧବାର ବିଳମ୍ବିତ ରାତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିବା ସହ ଏକ କାର୍ ସହ ଖଣ୍ଡା ଓ ଠେଙ୍ଗା ଜବତ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ଛତ୍ରପୁର ଥାନା ଅଧିନ ହୁମ୍ବର ଗ୍ରାମର ବିଭୂତି ଭୁଷଣ ସ୍ୱାଇଁ ଓ କୁମାରବେଗପଲ୍ଲୀ ଗ୍ରାମର ସୁବତ୍ର ସ୍ୱାଇଁ। ଆକ୍ରମଣ ଘଟଣାରେ ସଂପୃକ୍ତ ଅନ୍ୟମାନେ ଫେରାର ଅଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଭୂତି ନିଜ କାର୍ (ନଂ.ଓଡି୦୨ ବିଜେଡ୍ ୫୫୫୫)ରେ କେତେଜଣଙ୍କୁ ସାଥିରେ ଆଣି ପୁରୁଣାଛତ୍ରପୁର ଠାରେ ତୁଳସୀ ନଗରର ସୁମିତ କୁମାର ମହାରଣା ଅଟକାଇ ତାଙ୍କୁ ଖଣ୍ଡା ଓ ଠେଙ୍ଗାରେ ମୁଣ୍ଡକୁ ଆକ୍ରମଣ କରିଥିଲେ । ଘଟଣା ଘଟାଇବା ପରେ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ । ଖବରପାଇ ଛତ୍ରପୁର ପୋଲିସ ସୁମିତଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଚିକିତ୍ସା କରାଇଥିଲା। ପରେ ସୁମିତ ଆକ୍ରମଣକାରୀମାନଙ୍କ ନାମରେ ଥାନାରେ ଏତଲା ଦେଇଥିଲେ ।ପୋଲିସ ନଂ.୧୦୬/୨୬ରେ ମାମଲା ରୁଜୁ କରିଥିଲା।

# କନ୍ଧମାଳର ଉପାନ୍ତ ଅଞ୍ଚଳରେ କେରଳ ମଡେଲରେ ପାଠପଢ଼ା

### ଆବଶ୍ୟକ ଅନୁଯାୟୀ ନାହାନ୍ତି ଶିକ୍ଷୟିତ୍ରୀ ଶିକ୍ଷକ

ବାଲିଗୁଡ଼ା,୧୯।୩ (ସଞ୍ଜୟ କୁମାର ପାଣିଗ୍ରାହୀ)



ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ଭାବେ ପରିଚିତ ସୁଦ୍ରା ପଞ୍ଚାୟତର ଗଟାଙ୍ଗି ସରକାରୀ ଆଶ୍ରମ ବିଦ୍ୟାଳୟରେ କେରଳ ମୋଡେଲ୍‌ରେ ଛାତ୍ରୀଛାତ୍ର ପାଠପଢୁଛନ୍ତି। ବିଦ୍ୟାଳୟଟି ପାହାଡ଼ ପାଦ ଦେଶରେ ରହିଥିଲେ ମଧ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୀର୍ଥବାସୀ ଘଡ଼ାଇଙ୍କ ନିଜସ୍ୱ ଉଦ୍ୟମରେ ବିଦ୍ୟାଳୟ ପରିବେଶକୁ ଅତି ସୁନ୍ଦର ଭାବେ ସୁସଜ୍ଜିତ କରିଛନ୍ତି। ଏହାସହ ଶୈକ୍ଷିକ ବାତାବରଣ ମଧ ଉଚ୍ଚକୋଟୀର। ଜିଲାର ଏହି ବିଦ୍ୟାଳୟରେ ପ୍ରଥମେ କେରଳ ମଡେଲରେ ପାଠ ପଢ଼ାଯାଉଛି। ଫଳରେ ସମସ୍ତ ଛାତ୍ରୀଛାତ୍ର ୟୁ.ସେପ୍‌ରେ ବସି ବେସ୍ ଖୁସିରେ ପାଠ ପଢିପାରୁଛନ୍ତି। ଏହି ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ସମୁଦାୟ ୧୭୦ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଛାତ୍ରୀ ନିବାସରେ ୧୪୦ ଜଣ ଛାତ୍ରୀଛାତ୍ର ରହୁଛନ୍ତି। ମାତ୍ର୨ ଜଣ ଶିକ୍ଷୟତ୍ରୀ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟରେ ପାଠପଢ଼ା ଚାଲିଛି। ତଥାପି ପ୍ରଧାନ ଶିକ୍ଷକଙ୍କ ଶୈକ୍ଷିକ ପଦ୍ଧତି ଯୋଗୁ ପ୍ରତିବର୍ଷ ବିଦ୍ୟାଳୟର ଅନେକ ଛାତ୍ରୀ ବିଭିନ୍ନ ପରୀକ୍ଷା ଓ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଛନ୍ତି। କିନ୍ତୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁଯାୟୀ ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବାରୁ ପାଠ ପଢ଼ିବାରେ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି। ଏଣୁ ଆବଶ୍ୟକ ଅନୁଯାୟୀ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ଦେଲେ ଏହି ବିଦ୍ୟାଳୟ ଆହୁରି ଉନ୍ନତି କରିବ ବୋଲି ଅନ୍ତେବାସୀ ଓ ପ୍ରଧାନ ଶିକ୍ଷକ କହିଛନ୍ତି।

